ଧରିତ୍ରୀ
DHARITRI

# ମନ ବିନୋଦ

ଗୁରୁବାର, ୬ ସେପ୍ଟେମ୍ବର, ୨୦୧୮



# ନନ୍ଦନକାନନର ଆକର୍ଷଣ




ଖାଦ୍ୟରୁଚି ୩
ଚିକେନ୍ ପତ୍ରପୋଡ଼ା



ୟୁଥ୍ କ୍ଲବ୍ ୬
ସେବା ମନୋଭାବ ଆଣିବ ପରିବର୍ତ୍ତନ


**ଦେଶବିଦେଶର ପର୍ଯ୍ୟଟକଙ୍କ ହୃଦୟ ଜିଣୁଛି ନନ୍ଦନକାନନ ଜୈବ ଉଦ୍ୟାନ। ୧୯୬୦ରେ ସ୍ଥାପିତ ଏହି ଚିଡ଼ିଆଖାନାର ଆକର୍ଷଣ ସାଜିଛନ୍ତି କେତେକ ଖାସ୍ ପଶୁପକ୍ଷୀ। ପୂର୍ବରୁ ଏହାର ନାମ ପ୍ରାଣୀ ଉଦ୍ୟାନ ଥିଲା, ଏବେ ଏହାକୁ ଜୈବ ଉଦ୍ୟାନ କରାଯାଇଛି। ଏହା ଭାରତର ୫ ବୃହତ୍ ଚିଡ଼ିଆଖାନା ମଧ୍ୟରୁ ଅନ୍ୟତମ। ୨୦୧୭-୧୮ରେ ଏଠାକୁ ୩୨,୯୧,୫୧୮ ପର୍ଯ୍ୟଟକଙ୍କ ଆଗମନ ହୋଇଥିଲା। କିଛି ମନଲୋଭା, ଚର୍ଚ୍ଚିତ ପ୍ରାଣୀ ଓ ଆକର୍ଷଣୀୟ ଏନ୍‌କ୍ଲୋଜର(ଖୁଆଡ଼)ଙ୍କୁ ନେଇ ଏହି ଉପସ୍ଥାପନା।**

## ‘ମାମା’

ନନ୍ଦନକାନନ ଜୈବ ଉଦ୍ୟାନକୁ ପ୍ରବେଶ କରିବା ମାତ୍ରେ ପ୍ରଥମେ ଦେଖିବାକୁ ମିଳେ ହାତୀ। ଏହି ଏନ୍‌କ୍ଲୋଜରରେ ବର୍ତ୍ତମାନ ୬ଟି ହାତୀ ଅଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ୩ ଛୁଆ ହାତୀ। ତନ୍ମଧ୍ୟରେ ୬ମାସ ବୟସର ହାତୀ ‘ମାମା’ ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିଥାଏ। ବିଶେଷକରି ତା’ର ଚାଲିଚଳଣ ଦେଖିବା ପାଇଁ ପର୍ଯ୍ୟଟକମାନେ ଭିଡ଼ ଜମାଇଥାନ୍ତି। ଚଳିତବର୍ଷ ଏହି ହାତୀ ଛୁଆଟିକୁ ଏକ ଜଙ୍ଗଲରୁ ଉଦ୍ଧାର କରାଯାଇ ଅଣାଯାଇଥିଲା।

ପୃ ୨







ମାମା

# ନନ୍ଦନକାନନର ଆକର୍ଷଣ

ପ୍ରଥମ ପୃଷ୍ଠାରୁ...










## 'ନନ୍ଦନ', 'ବାହୁବଳୀ'

ଚିଡ଼ିଆଖାନାର ମହାବଳ ବାଘଙ୍କ ମଧ୍ୟରେ 'ନନ୍ଦନ' ଓ 'ବାହୁବଳୀ' ବେଶ୍ ଚର୍ଚ୍ଚିତ ଓ ଆକର୍ଷଣୀୟ। ନନ୍ଦନ ଏକ ଜଙ୍ଗଲୀ ବାଘ, ଯିଏ ୨୦୧୩ରେ ନିଜେ ଆସି ଧରାପଡ଼ିଥିଲା। ତାହା ବି ଥରେ ନୁହେଁ ଦୁଇ ଥର। ପ୍ରଥମେ ଏପ୍ରିଲ ୨୯ ମଧ୍ୟରାତ୍ରିରେ ଧଳାବାଘ ସଫାରି ନିକଟରେ ଧରାପଡ଼ିଥିଲା। କିନ୍ତୁ ସେହିବର୍ଷ ମେ ୩୧ ତାରିଖରେ ଏନ୍‌କ୍ଲୋଜରର ୧୮ ଫୁଟର ତାର ଜାଲି ଡେଇଁ ପଳାଇଯିବାରେ ସେ ସକ୍ଷମ ହୋଇଥିଲା। ହେଲେ ବାରମ୍ବାର ବାଘ ସଫାରି ନିକଟକୁ ଆସିଥିଲା। ଶେଷରେ ଯୋଜନାବଦ୍ଧ ଭାବେ ସେହିବର୍ଷ ଜୁନ୍ ୨୩ ତାରିଖରେ ନନ୍ଦନକାନନ କର୍ମଚାରୀମାନେ ତାକୁ କାବୁ କରିବାରେ ସକ୍ଷମ ହୋଇଥିଲେ। ବାଘୁଣୀ ପ୍ରେମରେ ପଡ଼ି ବାଘଟି ଧରାପଡ଼ିଥିବା ନେଇ ଚର୍ଚ୍ଚା ହେବା ସହ ରାଜ୍ୟରେ ଚହଳ ସୃଷ୍ଟି ହୋଇଥିଲା। ଏହାପରେ ତା'ର ନାମ ନନ୍ଦନ ରଖାଯାଇଥିଲାବେଳେ ତାକୁ ନେଇ ବଂଶବୃଦ୍ଧି ଯୋଜନା କରାଯାଇଥିଲା। ଯୋଜନା ମୁତାବକ ନାଲି ବାଘୁଣୀ ମେଘା ସହ ମିଳନ ହୋଇଥିଲା। ୨୦୧୬ ଏପ୍ରିଲ ୨୦ରେ ମେଘା ଗର୍ଭରୁ ଜନ୍ମ ନେଇଥିଲା ୨ ଅଣ୍ଡିରା ଶାବକ। ୨୦୧୭ ମେ ୧୦ ତାରିଖରେ ୨ ଶାବକଙ୍କ ନାମକରଣ କରାଯାଇଥିଲା। ସେଥିମଧ୍ୟରୁ ଗୋଟିଏର ନାମ ସେହି ସମୟର ଚର୍ଚ୍ଚିତ ଫିଲ୍ମ 'ବାହୁବଳୀ' ଅନୁଯାୟୀ ରଖାଯାଇଥିଲା। ଅନ୍ୟ ବାଘ ଶାବକର ନାମ ରଖାଯାଇଥିଲା 'କୁନ୍ଦନ'। ହେଲେ ଏବେ ବି ନନ୍ଦନ ଓ ତା'ର ଛୁଆ ବାହୁବଳୀକୁ ଦେଖିବା ପାଇଁ ପର୍ଯ୍ୟଟକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳୁଛି।

## 'ଭିକି'

ନନ୍ଦନକାନନ ଏକମାତ୍ର ଚିଡ଼ିଆଖାନା, ଯେଉଁଠି ରହିଛି କଳାଲୋମଯୁକ୍ତ ୩ ବାଘ। ସେଥିମଧ୍ୟରେ ରହିଛନ୍ତି ୨୦୧୪ ଜୁଲାଇ ୨୮ରେ ଜନ୍ମ ହୋଇଥିବା କଳାଲୋମ ଯୁକ୍ତ 'କ୍ରିଷ୍ଣା' ଓ ଫିକା କଳାଲୋମ ଯୁକ୍ତ 'ଶୁଭ୍ରାଂଶୁ'। ଧଳା ବାଘୁଣୀ ସ୍ନେହା ଔରସରୁ ଜନ୍ମିତ ଏହି ଦୁଇଟି ବାଘ ବର୍ତ୍ତମାନ ସଫାରିରେ ଦର୍ଶକଙ୍କ ମନୋରଞ୍ଜନ କରୁଛନ୍ତି। ହେଲେ ଚିଡ଼ିଆଖାନାର ୩୦ନଂ. ଏନ୍‌କ୍ଲୋଜରରେ ଥିବା କଳାଲୋମ ଯୁକ୍ତ ବାଘ 'ଭିକି' ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ରହିଛି, ଯିଏକି ୨୦୧୬ ଅଗଷ୍ଟ ୯ରେ ଧଳା ବାଘୁଣୀ ସ୍ନେହା ଔରସରୁ ଜନ୍ମ ହୋଇଥିଲା। ଯେହେତୁ ସବୁ ପର୍ଯ୍ୟଟକ ସଫାରିକୁ ଯାଆନ୍ତି ତେଣୁ ଏନ୍‌କ୍ଲୋଜରରେ ମୁକ୍ତ ଭାବେ ବୁଲୁଥିବା 'ଭିକି'କୁ ନିକଟରୁ ଦେଖିବା ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଜମିଯାଏ।

## ପାଦଚଲା ବିହଙ୍ଗ ସରଣୀ





ପକ୍ଷୀ ଦେଖିବା ପାଇଁ ନନ୍ଦନକାନନ ଜୈବ ଉଦ୍ୟାନରେ ୩ ସ୍ଥାନ ରହିଛି। ସେଥିମଧ୍ୟରୁ 'ପାଦଚଲା ବିହଙ୍ଗ ସରଣୀ'(ୱାକ୍-ଥ୍ରୋ ଆଭିଏରି)କୁ ପର୍ଯ୍ୟଟକ ଅଧିକ ପସନ୍ଦ କରନ୍ତି। ୨୦୧୪ ଡିସେମ୍ବର ୨୯ରେ ଉଦ୍‌ଘାଟିତ ହୋଇଥିବା ଏହି ସରଣୀ ନିମନ୍ତେ ୯୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଏହା ଏପରି ଢଙ୍ଗରେ ତିଆରି ହୋଇଛି, ଯେଉଁଠି ପକ୍ଷୀମାନଙ୍କ ଗହଣରେ ରହି ପର୍ଯ୍ୟଟକ ମନଲୋଭା ପ୍ରାକୃତିକ ପରିବେଶର ମଜା ଉଠାଇପାରିବେ। ଏହା ମଧ୍ୟରେ ରହିଛି ୨୦ଟି ପକ୍ଷୀବସା ସାଙ୍ଗକୁ କୃତ୍ରିମ ଝରଣା। ପକ୍ଷୀମାନଙ୍କ ବସବାସ ପାଇଁ ଅନେକ ଗଛ ରହିଛି। ବର୍ତ୍ତମାନ ଅନ୍ୟୁନ ୧୫ ପ୍ରଜାତିର ପ୍ରାୟ ୧୫୦ ପକ୍ଷୀ ଖୋଲାରେ ରହିଛନ୍ତି। ଏମାନଙ୍କ ପାଇଁ କୌଣସି ପିଞ୍ଜରା ହୋଇନାହିଁ। ପର୍ଯ୍ୟଟକମାନେ ସେଠାକୁ ଗଲେ ପକ୍ଷୀମାନେ ସେମାନଙ୍କ କାନ୍ଧ, ମୁଣ୍ଡରେ ମଧ ବସିଯାଆନ୍ତି, ଯାହା ପର୍ଯ୍ୟଟକଙ୍କୁ ଖୁବ୍ ଆନନ୍ଦ ଦେଇଥାଏ। ବିଶେଷକରି ପିଲାମାନଙ୍କ ପାଇଁ ମାଟି ଉପରେ ବସିପାରୁଥିବା ଏବଂ ଅଳ୍ପ ଉଚ୍ଚରେ ଉଡୁଥିବା ପକ୍ଷୀ ଅଧିକ ଆକର୍ଷଣୀୟ ସାଜୁଛନ୍ତି। ତେବେ ଏଠାରେ ଥିବା ସନ୍ କନ୍ୟୁର୍, ସିଲ୍‌ଭର୍ ଫିଜାଣ୍ଟ, ଗୋଲ୍‌ଡେନ୍ ଫିଜାଣ୍ଟ ପ୍ରଜାତିର ପକ୍ଷୀ ଦର୍ଶକଙ୍କୁ ଅଧିକ ଭଲଲାଗେ।



**ମନ ଜିଣୁଥିବା ସ୍ଥାନ**




## ମୁକ୍ତାକାଶ କଲରାପତରିଆ ବାଘ ଏନ୍‌କ୍ଲୋଜର

ନନ୍ଦନକାନନ ଚିଡ଼ିଆଖାନାରେ ରହିଛି ଭାରତର ସବୁଠୁ ବଡ଼ ମୁକ୍ତାକାଶ କଲରାପତରିଆ ବାଘ ଏନ୍‌କ୍ଲୋଜର୍। ୨୦୧୪ ଡିସେମ୍ବର ୨୯ରେ ଏହା ଲୋକାର୍ପିତ ହୋଇଥିବାବେଳେ ଏଥିପାଇଁ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ବାଘ ଯେପରି ବାହାରକୁ ନ ବାହାରିପାରିବ, ସେଥିପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିଛି। ଚାରିପଟେ ତାରଜାଲି ଲଗାଯାଇଛି। ସବୁଥିରେ ସୋଲାର୍ ବିଦ୍ୟୁତ୍ ପ୍ରବାହିତ ହେଉଛି। ଏବେ ୩ଟି ବାଘ ଏନ୍‌କ୍ଲୋଜର ମଧ୍ୟରେ ରହିଥିବାବେଳେ କୃତ୍ରିମ ଉପାୟରେ ପ୍ରାକୃତିକ ପରିବେଶ ତିଆରି କରାଯାଇଛି। ଏଠାରେ ପର୍ଯ୍ୟଟକମାନେ ଅତି ନିକଟରୁ କଲରାପତରିଆ ବାଘମାନଙ୍କୁ ଗଛ ଚଢ଼ିବା ଦୃଶ୍ୟ ଦେଖି ପାରୁଛନ୍ତି। ଏଭଳି ମୁକ୍ତାକାଶ କଲରାପତରିଆ ବାଘ ଏନ୍‌କ୍ଲୋଜର ଦେଶର କେତେକ ଚିଡିଆଖାନାରେ ରହିଛି।

## ୪ ସଫାରି

ଚିଡ଼ିଆଖାନାର ଏନ୍‌କ୍ଲୋଜର ଭିତରେ ଥିବା ଜନ୍ତୁଙ୍କୁ ଦେଖିଲେ ଯେତିକି ଭଲ ଲାଗେ ତା'ଠାରୁ ଅଧିକ ଭଲଲାଗେ ସଫାରି ଭିତରେ ନିକଟରୁ ଦେଖିଲେ। ତେଣୁ ପର୍ଯ୍ୟଟକମାନେ ସଫାରି ଭିତରକୁ ଯାଇଥାନ୍ତି। ବର୍ତ୍ତମାନ ୪ଟି ସଫାରି ନନ୍ଦନକାନନ ଜୈବ ଉଦ୍ୟାନରେ ରହିଛି। ତାହାହେଲା ଧଳା ବାଘ, ସିଂହ, ତୃଣଭୋଜି ଓ ଭାଲୁ ସଫାରି। ୧୯୮୪ରେ ସିଂହ ସଫାରି ଆରମ୍ଭ ହୋଇଥିଲା। ପ୍ରାୟ ୨୦ମିନିଟ୍ ବସ୍‌ରେ ଯାତ୍ରା କରିବା ପରେ ଜଙ୍ଗଲ ଭିତରେ ସିଂହ ଦେଖିବାକୁ ମିଳନ୍ତି। ଏଠାରେ ଗୋଟିଏ ସିଂହ ଓ ସିଂହୀକୁ ଛଡ଼ାଯାଇଛି। ୧୯୯୧ରେ ଧଳାବାଘ ସଫାରି ନିର୍ମାଣ ହୋଇଥିଲା। ଭାରତର ପ୍ରଥମ ଚିଡ଼ିଆଖାନା ଯେଉଁଠି ଧଳାବାଘ ସଫାରି ଖୋଲାଯାଇଥିଲା। ବର୍ତ୍ତମାନ ଏହି ସଫାରିରେ ଅନ୍ୟ ବାଘଙ୍କୁ ମଧ ଛଡ଼ାଯାଉଛି। ଦୁଇଟି କଳା ବାଘ ମଧ ଏହି ସଫାରିରେ ଦେଖିବାକୁ ମିଳେ। ସେହିପରି ୨୦୧୧ରେ ଆରମ୍ଭ ହୋଇଥିଲା ତୃଣଭୋଜି ସଫାରି। ଏଠାରେ ହରିଣ, ଶମ୍ବର, ଚାରି ଶିଙ୍ଗିଆ କୃଷ୍ଣସାର ମୃଗ, ମୟୂର ଆଦି ଦେଖିବାକୁ ମିଳନ୍ତି। ସେହିପରି ୨୦୧୨ରେ ଆରମ୍ଭ ହୋଇଥିଲା ଭାଲୁ ସଫାରି। ଏଠାରେ ଗାଢ଼ ଭାଲୁକୁ ତା'ର ପ୍ରାକୃତିକ ଆବାସସ୍ଥଳୀରେ ଦେଖିବାକୁ ମିଳେ। ମୋଟ ୭ଟି ଭାଲୁ ଏହି ସଫାରିରେ ଦେଖିବାକୁ ମିଳେ।

## 'ଖୁସି'



ନନ୍ଦନକାନନ ଜୈବ ଉଦ୍ୟାନର ଅନ୍ୟତମ ଆକର୍ଷଣ ହେଲା ମାଈ ଜିରାଫ 'ଖୁସି'। ୨୦୧୨ ଜୁଲାଇ ୧୧ରେ ପାଟଣାର ସଞ୍ଜୟ ଗାନ୍ଧୀ ପ୍ରାଣୀ ଉଦ୍ୟାନରୁ ଏହାକୁ ଅଦଳବଦଳ ପ୍ରକ୍ରିୟାରେ ଅଣାଯାଇଥିଲା। ସେତେବେଳେ ତା'ର ବୟସ ଥିଲା ପ୍ରାୟ ଦେଢ଼ବର୍ଷ। ଏହାକୁ ନେଇ ନନ୍ଦନକାନନ କର୍ମଚାରୀ ଓ ପର୍ଯ୍ୟଟକ ଖୁସି ଅନୁଭବ କରିଥିଲେ। କାରଣ ୨୦୦୮ରେ କୋଲକାତାର ଆଲିପୁର ଚିଡ଼ିଆଖାନାରୁ ଏକ ଜିରାଫ ଅଣାଯାଉଥିବାବେଳେ ବାଟରେ ବିଦ୍ୟୁତ୍ ଆଘାତରେ ତା'ର ମୃତ୍ୟୁ ଘଟିଥିଲା। ୪ ବର୍ଷ ପରେ ୨ ସିମ୍ପାଞ୍ଜି କାର୍ତ୍ତିକ ଓ ସୁଭଦ୍ରାଙ୍କ ପ୍ରତିବଦଳରେ ଏହି ମାଈ ଜିରାଫକୁ ଅଣାଯିବା ପରେ ତା'ର ନାମ ରଖାଯାଇଥିଲା 'ଖୁସି'। ଏଠାରେ ପର୍ଯ୍ୟଟକଙ୍କ ହୃଦୟ ଜିଣୁଥିବା ଖୁସିର ଏକଲାପଣକୁ ଦୂର କରିବାକୁ ହୋଇଥିଲା ପୁଣି ଅଦଳବଦଳ ଯୋଜନା। ୪ଟି ବାଘ ପ୍ରତିବଦଳରେ ୨୦୧୬ ଫେବୃୟାରୀ ୨୪ରେ କଲିକତା ଆଲିପୁର ଚିଡ଼ିଆଖାନାରୁ ୬ମାସ ବୟସ୍କ ଅଣ୍ଡିରା ଜିରାଫ 'ଜୟ'କୁ ଅଣାଯାଇଥିଲା। କିନ୍ତୁ ୫ ଦିନ ପରେ ଅର୍ଥାତ୍ ଫେବୃୟାରୀ ୨୯ରେ ତା'ର ହଠାତ୍ ମୃତ୍ୟୁ ଘଟିଥିଲା। ଫଳରେ ଏବେ ଯାଏ ଏକାକୀ ଜୀବନ ଜିଉଛି 'ଖୁସି'। ହେଲେ ତା'ର ରୂପ, ରଙ୍ଗ, ଚଳପ୍ରଚଳରେ ଆକର୍ଷିତ ହେଉଛନ୍ତି ପର୍ଯ୍ୟଟକ।

– ରିପୋର୍ଟ: ଅସମାପିକା ସାହୁ
ଫଟୋ: ବିକାଶ ନାୟକ

# ମା’ ବାପାଙ୍କ ଆଶୀର୍ବାଦ ବାଟ ଦେଖାଇଛି



ଫାଇଲ କାମରେ ବ୍ୟସ୍ତ ବିଜୟଲକ୍ଷ୍ମୀ

ପରିବାରର ଆର୍ଥିକ ଅନଟନ ତାଙ୍କ ବାଟ ଓଗାଳିଥିଲା। ପିଲାଦିନେ ପାଠ ପଢିବା ଆଶା ତାଙ୍କର ମଉଳି ଯିବାକୁ ବସିଥିଲା। ଗାଁ ସ୍କୁଲରେ ୭ମ ଶ୍ରେଣୀ ପରୀକ୍ଷାରେ ୩ୟ ଶ୍ରେଣୀରେ ପାସ୍ କରିଥିବାରୁ ହାଇସ୍କୁଲରେ ନାମ ଲେଖାଇବାକୁ କର୍ତ୍ତୃପକ୍ଷ ମନା କରିଦେଇଥିଲେ। ମା’ ବାପାଙ୍କ କାକୁତି ମିନତି ପରେ ତାଙ୍କୁ ନାମଲେଖା ସୁଯୋଗ ମିଳିଥିଲା। ପ୍ରତିକୂଳ ପରିସ୍ଥିତି ସହ ଲଢି ଆଗକୁ ବଢିବାର ଦୃଢ ସଂକଳ୍ପ ତାଙ୍କ ବାଟ କଢାଇ ନେଇଥିଲା। ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ୭୫ ପ୍ରତିଶତ ନମ୍ବର ରଖି ଭୁବନେଶ୍ୱର କିସ୍ ଓ କିଟ୍‌ରେ ପାଠ ପଢି ଇଞ୍ଜିନିୟରିଂ ପାସ୍ କରିଥିଲେ। ପରେ ମୟୂରଭଞ୍ଜରେ ଥିବା ପଲିଟେକ୍‌ନିକ କଲେଜରେ ଚାକିରି ପାଇ ଓଡିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ପରୀକ୍ଷା ଦେବାକୁ ପ୍ରସ୍ତୁତି କରିଥିଲେ। ଏହି ପରୀକ୍ଷା ଦେଇ ସେ ଉତ୍ତୀର୍ଣ୍ଣ ହେବା ପରେ ଜଳ ସମ୍ପଦ ବିଭାଗରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ନିଯୁକ୍ତି ପାଇ କାର୍ଯ୍ୟ କରୁଛନ୍ତି। ଆଦିବାସୀ ପରିବାରର ଝିଅ ହୋଇଥିଲେ ବି ତାଙ୍କର ଏହି ସଫଳତାର କାହାଣୀ ଅନ୍ୟମାନଙ୍କ ଲାଗି ପ୍ରେରଣାଦାୟକ ହୋଇପାରିଛି।

ଦୃଢ ଲକ୍ଷ୍ୟ ଓ ଇଚ୍ଛାଶକ୍ତି ବଳରେ ଏଭଳି ସଫଳତା ସାଉଣ୍ଟିଥିବା ଏହି ଆଦିବାସୀ ଝିଅ ହେଲେ ବିଜୟଲକ୍ଷ୍ମୀ ଟୁଡୁ। ତାଙ୍କ ଘର ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଭୂଇଁଆଗୋଡା ଗ୍ରାମରେ। ଗତ ୨ବର୍ଷ ଧରି ବାଲେଶ୍ୱର ଜିଲା ଖଇରା ବ୍ଲକରେ ନିର୍ବାହୀଯନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ଫାଇଲ କାମର ଭିଡ ସତ୍ତ୍ୱେ ଲୋକଙ୍କୁ ସେବା ଯୋଗାଇବା ଲକ୍ଷ୍ୟ ରଖି କାର୍ଯ୍ୟ କରୁଥିବାରୁ ସେ ବେଶ୍ ଚର୍ଚ୍ଚାକୁ ଆସିଛନ୍ତି। ଏଥିଲାଗି ଅଫିସକୁ ଆସୁଥିବା ଲୋକଙ୍କ ସହ ମିଶି ସେମାନଙ୍କ ସମସ୍ୟା ମଧ୍ୟ ସେ ବୁଝଥାନ୍ତି। ଏପରି କି କ୍ୱାର୍ଟର୍ସରେ ଥିବା ବେଳେ କୌଣସି ସରକାରୀ ଦାୟିତ୍ୱ ବା କାମକୁ ଅବହେଳା କରି ନ ଥାନ୍ତି। ତାଙ୍କ ନିଷ୍କପଟ ବ୍ୟକ୍ତିତ୍ୱ, ଉଦାରତା ଓ କର୍ମନିଷ୍ଠା ଅନ୍ୟମାନଙ୍କୁ ମଧ୍ୟ ପ୍ରଭାବିତ କରିଛି।

**ସଫଳ କାହାଣୀ**

ତାଙ୍କ ବ୍ୟକ୍ତିଗତ ଜୀବନ ଯେତିକି ସରଳ ସେତିକି ସାବଲୀଳ। ନିଜେ ରୋଷେଇ କରି ଖାଇବାକୁ ଭଲ ପାଆନ୍ତି। ସେ କହନ୍ତି, ମା’ବାପାଙ୍କର ଆଶୀର୍ବାଦ ତାଙ୍କୁ ଜୀବନର ରାସ୍ତା ଦେଖାଇଛି। ସେମାନଙ୍କ ଋଣ ହୁଏତ ଶୁଝି ହେବ ନାହିଁ। ତାଙ୍କ ପିଲା ଦିନ କଥା କହିବା ବେଳେ ସେ ଭାବପ୍ରବଣ ହୋଇ ଉଠନ୍ତି। ସେତେବେଳେ ଗରିବ ଆଦିବାସୀ ପରିବାରରେ ଜଣେ ଝିଅ ଭାବେ ଘରୁ ଗୋଡ କାଢି ଆଗକୁ ଯିବା ତାଙ୍କ ପାଇଁ ସହଜ ନ ଥିଲା। ମା’ବାପା ପରଘରେ କାମକରି ମଜୁରି ଆଣିଲେ ଘରେ ଚୁଲି ଜଳୁଥିଲା। ସେମାନେ ବିଜୟଲକ୍ଷ୍ମୀଙ୍କୁ ପାଠ ପଢାଇବାକୁ ନିଷ୍ପତ୍ତି ନେଲା ବେଳେ ଗ୍ରାମବାସୀ ଏହାକୁ ପସନ୍ଦ କରି ନ ଥିଲେ। ବାସ୍ତବରେ ଇଚ୍ଛା ଥିଲେ ଉପାୟ ଆପେ ଆସେ। ଏହା ତାଙ୍କ ଅନୁଭୂତିରୁ ସେ ଶିକ୍ଷା କରିଥିବା କହିଛନ୍ତି। ଓପିଏସ୍‌ସି ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେବା ଦିନ ତାଙ୍କୁ ଯେତିକି ଖୁସି ମିଳିଥିଲା, ତାଠାରୁ ତାଙ୍କ ମା’ ବାପା ଅଧିକ ଖୁସି ହୋଇଯାଇଥିଲେ। ସେ ଜଳ ସମ୍ପଦ ବିଭାଗରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ନିଯୁକ୍ତି ପାଇବା ପରେ ତାଙ୍କ କାର୍ଯ୍ୟଦକ୍ଷତାକୁ ଦେଖି ଏବେ ପଞ୍ଚାୟତିରାଜ ବିଭାଗକୁ ଡେପୁଟେଶନ ପଠାଯାଇଛି। ଖଇରା ବ୍ଲକରେ ୨୦୧୬ ଅଗଷ୍ଟରେ ଦାୟିତ୍ୱ ଗ୍ରହଣ କରି ୨ବର୍ଷ ଧରି କାର୍ଯ୍ୟ କରୁଛନ୍ତି।

ରିପୋର୍ଟ: **ଉତ୍କଳବନ୍ଧୁ ପଣ୍ଡା, ଖଇରା**

---

# ଚିକେନ୍ ପତ୍ରପୋଡ଼ା

**ଖାଦ୍ୟ ରୁଚି**



## ଆବଶ୍ୟକ ସାମଗ୍ରୀ

- ଚିକେନ୍–୨୫୦ ଗ୍ରାମ୍
- ସୋରିଷ ପେଷ୍ଟ –୫୦ ଗ୍ରାମ୍,
- ପିଆଜ କଟା–୨/୩ ଟି, ରସୁଣ ପେଷ୍ଟ –୨୫ ଗ୍ରାମ୍, କଞ୍ଚା ଲଙ୍କା ଛେଚା–୩/୪, ରସୁଣ ପାଖୁଡା ଛୋଟ ଛୋଟ –୫/୬ଟି
- ଆବଶ୍ୟକ ପରିମାଣର ସୋରିଷ ତେଲ, ଘିଅ, ଲୁଣ, ହଳଦୀ, ସୋୟା ସସ୍।

ବାଲେଶ୍ୱର ସହର ମିଶନ ପଡ଼ିଆ ଛକ ନିକଟରେ ଥିବା ଡାଲ୍‌ମା ହୋଟେଲର ଚିକେନ୍ ପତ୍ରପୋଡ଼ା ଯୁବପିଢ଼ିଙ୍କ ମୁଖ୍ୟ ଆକର୍ଷଣ। ଏହାର ସ୍ୱାଦ ଯେ ଥରେ ପାଇଛି ସେ ପୁଣି ଏଠାକୁ ଆସିବାକୁ ଭୁଲି ନାହିଁ। ହୋଟେଲ୍‌ର ମୁଖ୍ୟ ରୋଷେୟା ଅଜୟ ମହାନ୍ତିଙ୍କ କହିବାନୁସାରେ ଏହି ଡିସ୍ ଅଳ୍ପ ତେଲ ଓ ମସଲାରେ ପ୍ରସ୍ତୁତ ହେଉଥିବା ସତ୍ତ୍ୱେ ବେଶ୍ ସୁଆଦିଆ।

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନ୍‌କୁ ଛୋଟ ଛୋଟ ଖଣ୍ଡ କରନ୍ତୁ। ଏହାପରେ ଆବଶ୍ୟକ ପରିମାଣର ସମସ୍ତ ମସଲା ସହ ସୋରିଷ ତେଲ, ଘିଅ, ଲୁଣ, ହଳଦୀ, ଲଙ୍କା ପାଉଡ଼ର, ଭିନେଗାର୍, ସୋୟା ଶସ୍ ସହ ଚିକେନ୍ ଖଣ୍ଡଗୁଡିକ ମ୍ୟାରିନେଟ କରି କିଛି ସମୟ ରଖନ୍ତୁ। ଗ୍ୟାସ୍‌ରେ କଡ଼େଇ ବସାଇ ଗରମ ହେବା ପରେ ଏହି ମିଶ୍ରଣକୁ ୧୫ରୁ ୨୦ ମିନିଟ୍ କଷନ୍ତୁ। ତାହା ଭଲ ଭାବେ କଷି ହୋଇଗଲା ପରେ କଡ଼େଇରୁ ବାହାର କରି ତାହାକୁ ଶାଳପତ୍ରରେ ରଖନ୍ତୁ। ଏହାପରେ ତାକୁ ଗ୍ୟାସ୍ ଭାଟିରେ ପୋଡ଼ିବା ପାଇଁ ପ୍ରସ୍ତୁତ କରନ୍ତୁ। ୫ରୁ ୬ ମିନିଟ୍ ପୋଡ଼ିବା ପରେ ଶାଳପତ୍ରର ଏକ ବାସ୍ନା ଆସିବ। ଏହାପରେ ଏହାକୁ ଗ୍ୟାସ୍ ଭାଟିରୁ କାଢ଼ିଆଣନ୍ତୁ। ଇତି ମଧ୍ୟରେ ପ୍ରସ୍ତୁତ ହୋଇଯାଇଥାଏ ‘ଚିକେନ୍ ପତ୍ରପୋଡ଼ା’।

# ସେଲ୍ଫି କର୍ଣ୍ଣର


@ ବିଜୟ


@ ଦେବୀରଶ୍ମି


@ ସିତାଂଶୁ


@ କ୍ରିଷ୍ଣା


@ ମାଧବ


@ ଶାନ୍ତନୁ


@ ରଶ୍ମିରଞ୍ଜନ


@ ଅମର


@ ଚନ୍ଦ୍ର


@ ସନ୍ତୋଷ


@ ଦେବେନ୍ଦ୍ର


@ ପ୍ରଶାନ୍ତ


@ ନୂତନ


@ ଚନ୍ଦନ

**ସେଲ୍ଫି ଉଠାନ୍ତୁ, ଆମ ପାଖକୁ ପଠାନ୍ତୁ**

balasoreselfie@gmail.com
(ବଛା ବଛା ସେଲ୍ଫି ପ୍ରକାଶ ପାଇବ)



ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ସଦସ୍ୟମାନେ।

ୟୁଥ କ୍ଲବ୍

# ସେବା ମନୋଭାବ ଆଣିବ ପରିବର୍ତ୍ତନ

**ଅସହାୟଙ୍କ ମୁହଁରେ ଚେନାଏ ହସ ଆଣିଦିଏ ଆତ୍ମସନ୍ତୋଷ। ଏହାର ତୁଳନା ନ ଥାଏ। ଠିକ୍ ସମୟରେ ଚିକିତ୍ସାସେବା ଓ ସହାୟତା ଯୋଗାଇ ଅନ୍ୟକୁ ଜୀବନ ଦାନ ଦେଇଥିବା କେତେକ ଯୁବକ ସେଦିନ ଗଢ଼ିଥିବା ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ଆଜି ବିଶାଳ ରୂପ ନେଇଛି। ଦୀର୍ଘ ଦୁଇ ଦଶନ୍ଧି ଧରି ଜାରି ରହିଛି ସେମାନଙ୍କର ଯାତ୍ରାପଥ। ଆଗକୁ ରହିଛି ଅନେକ ସଂକଳ୍ପ, ଅନେକ ସ୍ୱପ୍ନ।**

ଯୁବଗୋଷ୍ଠୀ ସଚେତନ ହେଲେ ସାମାଜିକ ସ୍ଥିତିରେ ଆସିପାରିବ ସୁଧାର। ଏଭଳି ବିଶ୍ୱାସ ରଖି 'ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ' ଯୁବପିଢ଼ିଙ୍କୁ ସେବାମୂଳକ କାର୍ଯ୍ୟ କରିବାକୁ ଉତ୍ସାହିତ କରିବା ଦିଗରେ ସବୁବେଳେ କାର୍ଯ୍ୟ କରିଚାଲିଛି। ସଙ୍ଗଠନର ଯୁବକମାନେ ଦରକାର ବେଳେ ଅସହାୟଙ୍କୁ ସହାୟତାର ହାତ ବଢ଼ାଇ ଚର୍ଚ୍ଚାକୁ ଆସିଛନ୍ତି। ବିଭିନ୍ନ ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ସଚେତନତାର ବାର୍ତ୍ତା ବାଣ୍ଟି ଆସୁଛନ୍ତି।

୧୯୯୪ ମସିହାରେ ବାଲେଶ୍ୱର ଜିଲା ସଦର ବ୍ଲକ ହଳଦୀପଦା ଅଞ୍ଚଳର ଶିକ୍ଷିତ ଯୁବଗୋଷ୍ଠୀ ଏକତ୍ରିତ ହୋଇ ଏହି ଅନୁଷ୍ଠାନ ଗଢ଼ି ଆଗକୁ ବଢ଼ି ଚାଲିଛନ୍ତି। ସେମାନଙ୍କ କାର୍ଯ୍ୟ ଓ ମନୋବଳ ଅନ୍ୟମାନଙ୍କୁ ଯୋଗାଇଛି ପ୍ରେରଣା। ୧୯୯୮ମସିହାର ଘଟଣା। ସ୍ଥାନୀୟ କୁରାଡ଼ିହା ପଞ୍ଚାୟତର ଜଣେ ମହିଳା ତାଙ୍କ ସ୍ୱାମୀ ଓ ପିଲାଛୁଆଙ୍କ ସହ ହଳଦୀପଦା ବସ୍‌ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିଲେ। ହଠାତ୍ ଏକ ବିଷଧର ସାପ ମହିଳାଙ୍କୁ କାମୁଡ଼ିଥିଲା। ସଂଗଠନର କର୍ମକର୍ତ୍ତାମାନେ ନିଜେ ଅର୍ଥ ସଂଗ୍ରହ କରି ଏହି ଅସହାୟ ମହିଳାଙ୍କୁ ବାଲେଶ୍ୱର ମେଡ଼ିକାଲ ନେଇ ଚିକିତ୍ସା କରାଇଥିଲେ। ପରେ ସୁସ୍ଥ ହୋଇ ସେ ଘରକୁ ଫେରିଥିଲେ। ବିଗତ ବର୍ଷରେ ଏଭଳି ଅନେକ ସେବାମୂଳକ କାର୍ଯ୍ୟରେ ନଜିର ଏହି ସଙ୍ଗଠନ ସୃଷ୍ଟି କରିଛି। ଏହାବାଦ୍ ଅନୁଷ୍ଠାନର କର୍ମକର୍ତ୍ତାମାନେ ସାଂସ୍କୃତିକ ଚେତନା ସୃଷ୍ଟି ଲାଗି ପ୍ରତିବର୍ଷ ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ, ଝୁଲଣ ଯାତ୍ରା, ଜନ୍ମାଷ୍ଟମୀ, ହୋଲିପର୍ବ, ମକର ମିଳନ, ବୋଇତ ବନ୍ଦାଣ ଉତ୍ସବ ଆୟୋଜନ କରି ଆସୁଛନ୍ତି। ଗ୍ରାମ ପରିବେଶକୁ ସବୁଜିମା ମଣ୍ଡିତ କରିବା ଲକ୍ଷ୍ୟ ନେଇ ସେମାନେ ଚାରାରୋପଣ କରିବା ସହ ସ୍ୱଚ୍ଛତା ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି କରୁଛନ୍ତି। ବିଭିନ୍ନ ସମୟରେ ରକ୍ତଦାନ ଶିବିର ଆୟୋଜନ ମଧ୍ୟ କରାଯାଉଛି। ବର୍ତ୍ତମାନ ଅନୁଷ୍ଠାନରେ ୪୦ସଦସ୍ୟ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। ଏହି ମାଟିରେ ଜନ୍ମ ନେଇଥିବା ବ୍ୟାସକବି ଫକୀରମୋହନ ସେନାପତିଙ୍କ ଆଦର୍ଶକୁ ପାଥେୟ କରି ସଂଗଠନର ନାମକରଣ କରାଯାଇଥିବା କର୍ମକର୍ତ୍ତାମାନେ କହିଛନ୍ତି। ଡ. ବ୍ରଜଗୋପାଳ ମହାନ୍ତି ମୁଖ୍ୟ ପରାମର୍ଶଦାତା ରହିଛନ୍ତି। ମନୋଜ ସାହୁଙ୍କ ମାର୍ଗଦର୍ଶନରେ ଶିକ୍ଷିତ ଯୁବଗୋଷ୍ଠୀ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ସକାଶେ ଲକ୍ଷ୍ୟ ରଖିଛନ୍ତି।

ନିଶା ନିବାରଣ, ଯୌତୁକ ନିର୍ଯାତନା, ବଳାତ୍କାର, ଲୁଟ୍ ଘଟଣା ଭଳି କୁତ୍ସିତ ମାନସିକତାର ପ୍ରସାର ଏହି ଅନୁଷ୍ଠାନର ଯୁବକର୍ମୀଙ୍କୁ ଚିନ୍ତିତ କରିଛି। ଏଥିଲାଗି ସେମାନେ ସଚେତନତା ସୃଷ୍ଟି କରି ଆସୁଛନ୍ତି ବୋଲି ସାଧାରଣ ସମ୍ପାଦକ ଚନ୍ଦନ ସାହୁ କହିଛନ୍ତି। ସଭାପତି ମହେନ୍ଦ୍ର କୁମାର ସାହୁ ଅନୁରୂପ ମତବ୍ୟକ୍ତ କରି କହିଛନ୍ତି, ଯୁବ ସମାଜ ସଚେତନ ହେଲେ ଅବସ୍ଥାରେ ଅନେକ ସୁଧାର ଆସିବ। ଏଥିଲାଗି ସଙ୍ଗଠନ ସଦସ୍ୟ ସଂଖ୍ୟା ବଢ଼ାଇ ଶୃଙ୍ଖଳିତ ଭାବେ କାର୍ଯ୍ୟ କରିବା ଲାଗି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଅନ୍ୟତମ ସକ୍ରିୟ କର୍ମକର୍ତ୍ତା ପ୍ରତ୍ୟୁଷ ପ୍ରଧାନ, ଜୟନ୍ତ ସାହୁ, ଅନିଲ ସାହୁ, ଅମିତାଭ ସାହୁ ଓ ବାବୁରାମ ସାହୁ ପ୍ରମୁଖ ସମାଜସେବା ମୂଳକ କାର୍ଯ୍ୟ ପ୍ରତି ଆଗ୍ରହ ରଖିବା ସକାଶେ ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରି ଆସୁଛନ୍ତି। ସରକାରୀ ସହାୟତାକୁ ଅପେକ୍ଷା ନ ରଖି ସେମାନେ ନିଜ ହାତରୁ ଖର୍ଚ୍ଚ କରି ଓ ମୂଲ୍ୟବାନ ସମୟ ଦେଇ କାର୍ଯ୍ୟ କରୁଛନ୍ତି। ଅଞ୍ଚଳବାସୀଙ୍କ ସମର୍ଥନ ଓ ପ୍ରେରଣା ସେମାନଙ୍କୁ ଉତ୍ସାହିତ କରିଥିବା କହିଛନ୍ତି।

ରିପୋର୍ଟ: **ବାଞ୍ଛାନିଧି ଦେ, ରୂପସା**



ଅନୁଷ୍ଠାନ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ଜଣେ ସଦସ୍ୟ ରକ୍ତଦାତାଙ୍କ ନାମ ପଞ୍ଜୀକରଣ କରୁଛନ୍ତି।

## ତନ୍ତ୍ର ସାଧନାର ପୀଠ

# ମା' ସିଦ୍ଧ ଭୈରବୀ







ଦକ୍ଷିଣ ଓଡିଶାର ପ୍ରାଣକେନ୍ଦ୍ର ରେଶମ ସହର ବ୍ରହ୍ମପୁରରୁ ୧୮ କି.ମି. ଦୂରରେ ରହିଛି ମା' ସିଦ୍ଧ ଭୈରବୀ ପୀଠ। ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକର ମନ୍ତ୍ରିଡି ପଞ୍ଚାୟତର ମା' ସିଦ୍ଧ ଭୈରବୀ ହେଉଛନ୍ତି ଅନ୍ୟତମ ଦେବୀ ପୀଠ। ଏହି ପୀଠଟି ତନ୍ତ୍ର, ମନ୍ତ୍ର ଓ ସାଧନାର ପୀଠ ବୋଲି ପରିଚୟ ସୃଷ୍ଟି କରିଛି। ବର୍ଷ ତମାମ୍ ପଡୋଶୀ ଆନ୍ଧ୍ର ପ୍ରଦେଶରୁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥାଏ। ପ୍ରତ୍ୟେକ ସଂକ୍ରାନ୍ତି ଦିନ ମା'ଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ମାଜଣା ହୋଇଥାଏ। ଏହି ସମୟରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ନିଜର ମନସ୍କାମନା ରଖି ଏଠାକୁ ପୂଜାର୍ଚ୍ଚନା କରିବାକୁ ଆସିଥାନ୍ତି। କିମ୍ୱଦନ୍ତୀ ଅନୁସାରେ ହରଡଙ୍ଗ ଗ୍ରାମର ଜି.ଗାଙ୍ଗୁଲି ରେଡ୍ଡୀ ନାମକ ଜଣେ ଚାଷୀ ନିଜ ଜମିରେ ହଳ ବୁଲାଉଥିବା ବେଳେ ଏକ ପଥରରେ ଲଙ୍ଗଳ ଲୁହା ବାଜିଥିଲା। ପରେ ସେହି ପଥରରୁ ପ୍ରଚୁର ରକ୍ତ ସ୍ରାବ ହେଉଥିବା ଦେଖିବାକୁ ମିଳିଥିଲା। ଏହା ଦେଖି ଗାଙ୍ଗୁଲି ଭୟଭୀତ ହୋଇ ଘରକୁ ଫେରିଯାଇଥିଲେ। ଉକ୍ତ ଦିନ ରାତିରେ ଗାଙ୍ଗୁଲିଙ୍କ ସ୍ୱପ୍ନରେ ଦେବୀ ମା' ଆବିର୍ଭାବ ହୋଇ ରକ୍ତସ୍ରାବ ହେଉଥିବା ପଥରକୁ ପୂଜାର୍ଚ୍ଚନା କରିବାକୁ ଆଦେଶ ଦେଇଥିଲେ। ପରେ ଗ୍ରାମବାସୀଙ୍କୁ ଗାଙ୍ଗୁଲି ସ୍ୱାପ୍ନାଦେଶ ସମ୍ପର୍କରେ ଜଣାଇଥିଲେ। ଗ୍ରାମବାସୀ ଗାଙ୍ଗୁଲିଙ୍କ ଚାଷ ଜମି ପାଖରେ ପହଞ୍ଚି ପଥରରୁ ରକ୍ତସ୍ରାବ ହେଉଥିବା ଦେଖି ଚକିତ ହୋଇଯାଇଥିଲେ। ଗ୍ରାମବାସୀ ସେହି ସ୍ଥାନରୁ ମାଟି ଖୋଳିଥିଲେ। ପରେ ଗୋଟିଏ ଗୋଡ ଏବଂ ଚାରୋଟି ହାତ ରହିଥିବା ଗୋଟିଏ ଦେବୀ ମୂର୍ତ୍ତି ବାହାରିଥିଲା। ସେହି ଦିନଠାରୁ ଏକ ପାଦ ଭୈରବୀ ନାମରେ ନାମିତ ହୋଇ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ହିନ୍ଦୁ ଶାସ୍ତ୍ର ପଦ୍ଧତି ଅନୁସାରେ ନିର୍ମିତ ମନ୍ଦିର ଭିତରେ ପ୍ରତିଷ୍ଠିତ ଦେବୀ ଭୈରବୀଙ୍କ ପୀଠର ଏକ ବିଶେଷତ୍ୱ ରହିଛି। ସେ ଚତୁର୍ଭୁଜିଆ ଏବଂ ଏକ ପାଦ ବିଶିଷ୍ଟ। ମୂର୍ତ୍ତିର ବାମ ପାର୍ଶ୍ୱର ସ୍କନ୍ଧ ନିକଟରେ ଥିବା ଖାଲୁଆ ଅଂଶରୁ ସୁବାସିତ ଗଙ୍ଗା ଜଳ ନିର୍ଗତ ହୁଏ। ମୂର୍ତ୍ତି ଐଶାନ୍ୟ କୋଣ ହୋଇ ଅବସ୍ଥିତ। ଏଠାରେ ଦେବୀ ପରମ ବୈଷ୍ଣବୀ ରୂପେ ପୂଜା ପାଇଥାନ୍ତି। ନିଃସନ୍ତାନ ମହିଳାମାନେ ବର୍ଷର ସବୁ ସଂକ୍ରାନ୍ତି ଦିନ ନିଷ୍ଠାପର ଭାବେ ଓଷା ରଖି ଦେବୀ ପୂଜାର୍ଚ୍ଚନା କଲେ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ଗଞ୍ଜାମ ଜିଲାର ସାଧବ ପୁତ୍ରମାନେ ସମୁଦ୍ରକୁ ନୌବାଣିଜ୍ୟ କରିବା ପାଇଁ ଯାଉଥିବା ବେଳେ ମା' ଭୈରବୀଙ୍କୁ ପୂଜାର୍ଚ୍ଚନା କରି ପ୍ରାକୃତିକ ଦୁର୍ବିପାକରୁ ମୁକ୍ତି ପାଇବା ପାଇଁ ଆଶିଷ ଭିକ୍ଷା କରୁଥିଲେ ବୋଲି କିମ୍ୱଦନ୍ତୀରୁ ଜଣାପଡିଛି। ମନ୍ଦିର ନିକଟରେ ଜଗନ୍ନାଥ ମନ୍ଦିର ଏବଂ ୧୦୮ ମନ୍ଦିର ପ୍ରତିଷ୍ଠା ହୋଇଛି। ଏହି ପୀଠରେ ଅନ୍ୟ ଦିନମାନଙ୍କ ଅପେକ୍ଷା ଦଶହରାରେ ନବରାତ୍ର ପୂଜା ହୋଇଥାଏ। ମା'ଙ୍କ ଘଟକୁ ହରଡଙ୍ଗ ଗ୍ରାମ ପରିକ୍ରମା କରାଯାଇଥାଏ। ଭକ୍ତ ମାନଙ୍କ ପାଇଁ ଅନ୍ନ ପ୍ରସାଦ, ଖେଚୁଡି ଭୋଗ, ପୁଲିଆରୀ ଓ ଲଡୁ ଭୋଗ ଆଦି ଭୋଗ ମିଳିଥାଏ। ପ୍ରତିଦିନ ଶ୍ରଦ୍ଧାଳୁ ମାନଙ୍କ ପ୍ରସାଦ ପରିବେଷଣ ପାଇଁ ମନ୍ଦିର ପରିଚାଳନା କମିଟି ନିୟନ୍ତ୍ରିତ କରୁଛନ୍ତି। ଆଖପାଖର ୭୦ ଖଣ୍ଡ ଗ୍ରାମକୁ ନେଇ ମନ୍ଦିର ପରିଚାଳନା କମିଟି ଗଠିତ ହୋଇଛି। ଦେବୀ ପୀଠରେ ତିନୋଟି ଭାରତୀୟ ଷ୍ଟାର୍ କଇଁଛ ରହିଛି, ଯାହା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଛି।





ଭାରତୀୟ ଷ୍ଟାର୍ କଇଁଛ



ରିପୋର୍ଟ: ବ୍ରହ୍ମପୁରରୁ ସମୀର କାନ୍ତ ତ୍ରିପାଠୀ ଏବଂ ଗୋପାଳପୁରରୁ ନବୀନ ରାଜ୍ ଆଚାରୀ

ପ୍ରଦ୍ୟୁମ୍ନ ସାହୁ । ଏକାଧାରରେ ଜଣେ ଅଭିନେତା, ନାଟ୍ୟକାର, ନିର୍ଦ୍ଦେଶକ, ଲେଖକ ଓ କବି ରୂପେ ପରିଚିତ। ପେସାରେ ସେ ଜଣେ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ, ହେଲେ ନିଶା ହେଉଛି ଅଭିନୟ। ମଞ୍ଚରେ ଅଭିନୟ କରୁ କରୁ ସମୟକ୍ରମେ ନିର୍ଦ୍ଦେଶକ ଓ ନାଟ୍ୟକାର ପାଲଟି ଯାଇଥିଲେ। ଅଦ୍ୟାବଧି ସେ ୧୫ରୁ ଊର୍ଦ୍ଧ୍ୱ ନାଟକ ରଚନା କରିଥିବା ବେଳେ ୫୦ ନାଟକରେ ନିର୍ଦ୍ଦେଶନା ଏବଂ ୬୦ ନାଟକରେ ଅଭିନୟ କରିଛନ୍ତି। ସେହିପରି ସିଡ଼ି ଫିଲ୍ମ 'ନାବକେଲି' ଜରିଆରେ ପ୍ରଥମ ଥର ପାଇଁ କ୍ୟାମେରା ଆଗକୁ ଆସିଥିଲେ। ପରେ ପ୍ରଖ୍ୟାତ ସିନେ ନିର୍ମାତା ଓ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଫିଲ୍ମ 'ଶଲାବୁଢ଼ା' ଓ 'ଆଦିମ ବିଚାର'ରେ ଏକ ମୁଖ୍ୟ ଚରିତ୍ରରେ ଅଭିନୟ ପାଇଁ ସୁଯୋଗ ପାଇଥିଲେ। ଅଦ୍ୟାବଧି ସେ ଅଭିନୟ, ନିର୍ଦ୍ଦେଶନା ପାଇଁ ଅନେକ ଅନୁଷ୍ଠାନରୁ ସମ୍ମାନିତ ହୋଇସାରିଥିବା ବେଳେ ବିହାର ଭାଗଲପୁରରେ ଅନୁଷ୍ଠିତ ଜାତୀୟ ନାଟକ ମହୋତ୍ସବରେ 'ରାଷ୍ଟ୍ରୀୟ କଳା ସମ୍ମାନ'ରେ ଭୂଷିତ ହୋଇଛନ୍ତି। ବାଲ୍ୟକାଳରୁ ଅଭିନୟ ପ୍ରତି ରୁଚି ରଖିଥିବା ଓ ନିଜର ଯାଦୁକରି ଅଭିନୟ ଶୈଳୀ ପାଇଁ ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିଥିବା ଏହି ଯୁବ ଅଭିନେତାଙ୍କ ମନର କଥାକୁ ନେଇ ଏଥରର ଧରିତ୍ରୀ ଆଳାପ... ।

**ଧରିତ୍ରୀ ଆଳାପ**



ପ୍ରଦ୍ୟୁମ୍ନ ସାହୁ

# 'ଆଦିମ ବିଚାର'ର ଶୁଟିଂ ପିକ୍‌ନିକ୍ ଭଳି ଲାଗୁଥିଲା

**ଆପଣ ନାଟକ କ୍ଷେତ୍ରକୁ କେମିତି ଆସିଲେ ?**

ନାଟକରେ ମୋର ପ୍ରବେଶ ବାଲ୍ୟାବସ୍ଥାରୁ ଆରମ୍ଭ ହୋଇଥିଲା। ଦଣ୍ଡ ନାଟକ ଦଳ ଗୋଟିଏ ରାତି ଓ ଗୋଟିଏ ଦିନ ସୁଆଙ୍ଗ ଅଭିନୟ ପରେ ଗାଁରୁ ବିଦାୟ ନିଅନ୍ତି। ହେଲେ ମାସ ମାସ ଧରି ସେହି ସୁଆଙ୍ଗକୁ ଆମେ ଗାଁ ପିଲା ସବୁ ଅଭିନୟ କରୁ। ସୁଆଙ୍ଗର ନାରୀ ଚରିତ୍ରରେ ମୁଁ ହିଁ ଅଭିନୟ କରେ। ବୋଧେ ସେଇଟା ହିଁ ନାଟକ ସହ ମୋର ପ୍ରଥମ ପରିଚୟ। ପରେ ସୋନପୁର ମଝିପଡ଼ା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବରେ ମଞ୍ଚସ୍ଥ ନାଟକ ମହାସତୀ ସୁକନ୍ୟାରେ ମୁଁ ଚ୍ୟବନ ଋଷି ଭୂମିକାରେ ପ୍ରଥମ ଥର ପାଇଁ ମଞ୍ଚାଭିନୟ କରିଥିଲି।

**ଅଭିନୟ ସହ ଆପଣ ଜଣେ ନାଟ୍ୟକାର ଏବଂ ନିର୍ଦ୍ଦେଶକ ହେଲେ କେମିତି ?**

ମହାରାଜା ହାଇସ୍କୁଲରେ ମୁଁ ସେତେବେଳେ ୧୦ମ ଶ୍ରେଣୀର ଛାତ୍ର। ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀର ଆୟୋଜନ ହୋଇଥାଏ। ଏହି ଅବସରରେ ଆମେ ନାଟକଟିଏ ମଞ୍ଚସ୍ଥ କରିବାକୁ ମନସ୍ଥ କଲୁ। ଶିକ୍ଷୟିତ୍ରୀ ଇନ୍ଦ୍ରାଣୀ ମିଶ୍ରଙ୍କ ନାଟକ 'ଗାଉଁଲି ଝିଅ' ମଞ୍ଚସ୍ଥ ହେବାର ଥାଏ। କିନ୍ତୁ ନିର୍ଦ୍ଦେଶନା ଦେବାକୁ କେହି ସମୟ ଦେଇ ପାରିଲେ ନାହିଁ। ତେଣୁ ବାଧ୍ୟ ହୋଇ ମୁଁ ନିର୍ଦ୍ଦେଶନା ଦେଲି। ସୋନପୁର କଲେଜରେ ପଢ଼ିବା ସମୟରେ କଲେଜର ଏକ ନାଟକ ପ୍ରତିଯୋଗିତା ଆୟୋଜନ ହେଉଥାଏ। ମୋ କଲମରୁ ଜନ୍ମନେଲା ମୋର ପ୍ରଥମ ନାଟକ ଭୁଖ୍।

**ଆଜି ପର୍ଯ୍ୟନ୍ତ ଆପଣ କେତୋଟି ନାଟକ ଲେଖିଛନ୍ତି ?**


ଭୁଖ୍, ଉଲଟା ଭାରତ୍, ବିଲେରୁ ବିବେକାନନ୍ଦ, ଶିଳ୍ପୀ ଏବଂ କୁଇଲି ଭଳି ୧୫ ଖଣ୍ଡ ନାଟକ ଲେଖି ସାରିଛି। ପ୍ରାୟ ୫୦ଟି ନାଟକର ନିର୍ଦ୍ଦେଶନା ଦେଇଛି।

**ଜୀବନରେ ନାଟକକୁ କେତେ ଗୁରୁତ୍ୱ ଦିଅନ୍ତି?**

ନାଟକ ହିଁ ମୋର ପ୍ରେମ, ମୋର ପ୍ରେମିକା, ମୋର ଜୀବନର ମେରୁଦଣ୍ଡ। ନାଟକ ହିଁ ମୋ ଜୀବନର ପଥ ପ୍ରଦର୍ଶକ।

**ଆପଣଙ୍କ କିଛି ବିଶେଷ ଅନୁଭୂତି?**

ବୌଦ୍ଧ ଜିଲ୍ଲା ଖଟଖଟିଆର କଳାକାରମାନଙ୍କୁ ନେଇ ନାଟକ କୁଇଲିର ରିହାରସେଲ ଚାଲିଥାଏ। ସୋନପୁରରୁ ୨/୩ ଜଣ କଳାକାରଙ୍କୁ କାରରେ ନେଇ ମୁଁ ସବୁଦିନ ସନ୍ଧ୍ୟାରେ ଯାଏ। ସେଠି ଅଧିକାଂଶ ରାତିରେ ବିଦ୍ୟୁତ୍ ବିଭ୍ରାଟ ଘଟେ। ହେଲେ ବାହାରେ ମୋ ଗାଡ଼ିର ଲାଇଟ୍ ଅନ କରି ଆମେ ନାଟକ ଅଭ୍ୟାସ କରୁ। ହେଲେ ସେହି ନାଟକ ବହୁ ପ୍ରଶଂସା ଓ ପୁରସ୍କାର ସାଉଁଟିବା ମୋ ପାଇଁ ଖୁବ୍ ସ୍ୱତନ୍ତ୍ର ଅନୁଭୂତି।



**ରୁପେଲି ପରଦାକୁ କେମିତି ଆସିଲେ?**

ପାର୍ଣ୍ଣିନି ପ୍ରାଞ୍ଜ ଓ ଗଦାଧର ବାରିକଙ୍କ ନିର୍ଦ୍ଦେଶିତ ନାବକେଲିରେ କୃଷ୍ଣ ଭୂମିକାରେ ଅଭିନୟ କରିବା ହେଉଛି କ୍ୟାମେରା ଆଗରେ ମୋର ପ୍ରଥମ ଅଭିନୟ। ବାନ୍ଧଶିଳ୍ପକୁ ନେଇ ଦୁଇଟି ବୃତ୍ତଚିତ୍ର ପ୍ରସ୍ତୁତ କଲି ପରବର୍ତ୍ତୀ ପର୍ଯ୍ୟାୟରେ। ପରେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଶଲାବୁଢ଼ା ଏବଂ ଆଦିମ ବିଚାର ଚଳଚ୍ଚିତ୍ରରେ ସୁଯୋଗ ଦେଲେ।

**ଶଲାବୁଢ଼ା ଏବଂ ଆଦିମ ବିଚାର ବିଷୟରେ କିଛି କହିବେ?**

ଉଭୟ ସିନେମାର ଶୁଟିଂ ପିକ୍‌ନିକ୍ ପରି ଲାଗୁଥିଲା। ସମସ୍ତେ ସେଥିରୁ ମଜା ଉଠାଉଥିଲେ। ସବ୍ୟ ଦାଦା ଜଣେ ଚମତ୍କାର ନିର୍ଦ୍ଦେଶକ। ଆଦିମ ବିଚାରରେ ଚରିତ୍ର ଅନୁସାରେ ମୋର ଶରୀରର ରଙ୍ଗ କଳା ହେବାର ଆବଶ୍ୟକତା ଥିଲା। ମୋ ଦେହରେ ତେଲ ମାଲିସ କରି ଖରାରେ ଠିଆ ହେବାକୁ ସବ୍ୟ ଦା ନିର୍ଦ୍ଦେଶ ଦେଲେ। ଖରାରେ କିଛି ସମୟ ଠିଆ ହେବା ପରେ ଦେହର ରଙ୍ଗ କଳା ହୋଇଯାଉଥିଲା। ଅବଶ୍ୟ ଶୁଟିଂ ଶେଷ ହେବା ବେଳକୁ ମଇଳା ପରି ମୋ ଦେହରୁ ଗୋଟେ ପରସ୍ତ ଚମଡ଼ା ଛାଡ଼ିଲା।

**କିଛି ସ୍ମରଣୀୟ ମୁହୂର୍ତ୍ତ?**

ସେଦିନ ଦଶହରା ଥାଏ। ମୋତେ ସବ୍ୟସାଚୀ ମହାପାତ୍ର କହିଲେ, ପ୍ରଦ୍ୟୁମ୍ନ! ତୁମେ ମୋର ଆଗାମୀ ଚଳଚ୍ଚିତ୍ରରେ ଅଭିନୟ କରୁଛ। ଏହା ତୁମ ପାଇଁ ମୋ ତରଫରୁ ଦଶହରା ଭେଟି। ଅଳ୍ପ କିଛି ଦିନ ପରେ ସେ ମୋତେ ଘରକୁ ଡାକିଲେ, ହେଲେ କିଛି କହିଲେ ନାହିଁ। ମୁଁ ଘରକୁ ଫେରିଲି। ସେଦିନ ରାତି ସାଢ଼େ ଦଶଟା ବେଳକୁ ହଠାତ୍ ତାଙ୍କ ଫୋନ ଆସିଲା। କହିଲେ, ତୁମେ ଶଲାବୁଢ଼ାର ଏକ ପ୍ରମୁଖ ଚରିତ୍ର ଗୁନାରୁ ଭୂମିକାରେ ଅଭିନୟ ପାଇଁ ମନସ୍ଥ ହୋଇଛି। ମୋ ବିଶ୍ୱାସ ଅଛି, ତୁମେ ସେ ଚରିତ୍ରରେ ଅଭିନୟ କରିପାରିବ। ସେଦିନ ରାତି ମୋ ପାଇଁ ସ୍ମରଣୀୟ ମୁହୂର୍ତ୍ତ ହୋଇ ରହିଛି।

**ମଞ୍ଚ ଓ ସିନେମାରେ ଅଭିନୟ କେତେ ଭିନ୍ନ?**

ଉଭୟ ନିଜ ନିଜ ସ୍ଥାନରେ ସ୍ୱତନ୍ତ୍ର। ତେବେ ଜଣେ ଅଭିନେତା ପାଇଁ ନିଚ୍ଛକ ଅଭିନୟ ହିଁ ସବୁ ସ୍ଥାନରେ ବାଞ୍ଛନୀୟ।

**ଓଡ଼ିଶା ନାଟକ ଜଗତ ସମ୍ପର୍କରେ କ'ଣ କହିବେ ?**

ଓଡ଼ିଶାରେ ନାଟକ ପାଇଁ ପୃଷ୍ଠପୋଷକତାର ଘୋର ଅଭାବ ରହିଛି। ଅନେକ ଜିଲ୍ଲା ମୁଖ୍ୟାଳୟରେ ମଞ୍ଚଟିଏ ସୁଦ୍ଧା ନାହିଁ। ଆଲୋକ ସଂପାତ ସହ ଅଭିନୟ ଅଭ୍ୟାସ କରିବା ତ ସାତ ସ୍ୱପ୍ନ। ତଥାପି, ନାଟୁଆମାନଙ୍କ ଉତ୍ସାହ କମିନାହିଁ। ଭଲ ନାଟକ ପ୍ରଦର୍ଶନ ପାଇଁ ସେମାନଙ୍କ ନିଷ୍ଠା ପ୍ରଶଂସନୀୟ।

**ପୂର୍ବ ଓ ବର୍ତ୍ତମାନର ନାଟକ ମଧ୍ୟରେ କ'ଣ ଫରକ ଦେଖୁଛନ୍ତି?**

ନାଟକ ପରିବେଷଣ ଶୈଳୀରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଛି, ତାହା ସ୍ୱାଭାବିକ ଓ ସ୍ୱାଗତଯୋଗ୍ୟ। ନାଟକ ପ୍ରକାଶନ କିନ୍ତୁ ନିରୁତ୍ସାହଜନକ। ଆଜିର ଅନେକ ନାଟକ ଯଦିଓ ମଞ୍ଚାୟନ ହେବାବେଳେ ଖୁବ ଆକର୍ଷଣ ଲାଗନ୍ତି, ସାଧାରଣ ଲୋକଙ୍କ ପାଖକୁ ପହଞ୍ଚିବା ବେଳେ ତାହା ଦୁର୍ବୋଧ ମନେହୁଏ।

**ଆପଣଙ୍କ ପସନ୍ଦର ନାଟକ କ'ଣ ଓ ପ୍ରିୟ ନାଟ୍ୟକାର କିଏ?**

ଏ ତାଲିକାରେ ଅନେକ ନାଁ ଆସିବ, ଯେମିତି କି ଗିରୀଶ କର୍ନଡ, ବାଦଲ ସରକାର, ବିଜୟ ତେନ୍ଦୁଲକର, ମନୋରଞ୍ଜନ ଦାସ, ନାଟ୍ୟରଶ୍ମୀ ପ୍ରଫୁଲ୍ଲ ରଥ, ରତି ମିଶ୍ର, ପ୍ରାଣବନ୍ଧୁ କର, ରଣଜିତ ପଟ୍ଟନାୟକ, ଅଟଳ ବିହାରୀ ପଣ୍ଡା, ଜଗଦାନନ୍ଦ ଛୁରିଆ, ଅଶୋକ ବହିଦାର, ସତ୍ୟ ରଂଜନ ବେହେରା, କେଶ ରଂଜନ ପ୍ରଧାନ ଏବଂ ଆହୁରି ଅନେକ। ବାକି ରହିଲା ପସନ୍ଦର ନାଟକ କଥା। ମୁଁ କହିବି ସବୁ ନାଟକ ନିଜ ନିଜ ସ୍ଥାନରେ ସ୍ୱତନ୍ତ୍ର।

**କେଉଁ ଚଳଚ୍ଚିତ୍ର ଆପଣଙ୍କ ମନ ଜିଣିଛି?**

ନିର୍ଦ୍ଦିଷ୍ଟ ଗୋଟିଏ ବା ଦୁଇଟି ଚଳଚ୍ଚିତ୍ରର ନାଁ ଉଚ୍ଚାରଣ କଲେ ଅନ୍ୟମାନଙ୍କ ପ୍ରତି ଅବିଚାର ହେବ। । କଥାବସ୍ତୁ ଏବଂ ନିର୍ମାଣ ଶୈଳୀକୁ ନେଇ ଅନେକ ଚଳଚ୍ଚିତ୍ର ମୋତେ ଗଭୀର ଭାବେ ଆଚ୍ଛନ୍ନ କରିଛି। ଏବେ ତ ଅନେକ କ୍ଷୁଦ୍ର ଚଳଚ୍ଚିତ୍ର ୟୁଟ୍ୟୁବରେ ଦେଖିବାକୁ ମିଳୁଛି, ସେଗୁଡ଼ିକ ବି କୌଣସି ଗୁଣରେ କମ୍ ନୁହଁ।

**ଆପଣଙ୍କ ଆଦର୍ଶ କିଏ?**

କୌଣସି ନିର୍ଦ୍ଦିଷ୍ଟ ଜଣେ ବ୍ୟକ୍ତିଙ୍କୁ ଆଦର୍ଶ ରୂପେ ଗ୍ରହଣ କରିପାରି ନାହିଁ। ଜଣେ ଯେ କୌଣସି ସ୍ତରର ବ୍ୟକ୍ତି ହୋଇଥାଆନ୍ତୁ ନା କାହିଁକି, ତାଙ୍କ ଭିତରେ ଥିବା ଉଚିତ ଗୁଣକୁ ଆହରଣ କରିବାର ଚେଷ୍ଟା କରିଥାଏ।

**ଅଭିନୟ ବ୍ୟତୀତ ଆଉ କେଉଁଥିରେ ରୁଚି ରହିଛି ?**

ଅଭିନୟ ବ୍ୟତୀତ ମୁଁ ମଞ୍ଚ ସଂଯୋଜନା ବି କରିଥାଏ। ଏହାବାଦ କବିତା, ପ୍ରବନ୍ଧ ଲେଖିବାକୁ ଭଲପାଏ। ଅଳ୍ପ କିଛି ସ୍ମରଣିକା ଓ ସାହିତ୍ୟ ପତ୍ରିକାର ସମ୍ପାଦନା ଦାୟିତ୍ୱ ବି ନିର୍ବାହ କରିଛି।

**ଆଗକୁ କ'ଣ ଲକ୍ଷ୍ୟ ରହିଛି?**

ନୋଡାଲ ଆସୋସିଏଶନ ଫର ଆମେଚର ଥିଏଟର ବା ନାଟ୍ ନାମରେ ଏକ ଅନୁଷ୍ଠାନ ଗଢ଼ି ବିଗତ ବର୍ଷଠାରୁ ସୋନପୁରରେ ଏକ ଜାତୀୟ ନାଟ୍ୟ ମହୋତ୍ସବର ଆୟୋଜନ କରୁଛୁ। ନାଟକ ପାଇଁ ସ୍ୱତନ୍ତ୍ର ଭାବେ ଏକ ସ୍ଥାୟୀ ମଞ୍ଚ ସହ ଅଡିଟୋରିୟମ ନିର୍ମାଣ ଏବଂ ନିୟମିତ ନାଟକ ପ୍ରଦର୍ଶନରେ ବ୍ରତୀ ହେବାକୁ ଲକ୍ଷ୍ୟ ରଖିଛି।

– ସାକ୍ଷାତ୍: ମୃତ୍ୟୁଞ୍ଜୟ ଶତପଥୀ